# DAV PUBLIC SCHOOLS, POKHARIPUT, BBSR
# SAMPLE QUESTION PAPER FOR HALF YEARLY EXAM, 2022-23

- Please check that this question paper contains **4** printed pages.
- Check that this question paper contains **13** questions.
- Additional question no **13** will be given for book bonus.
- For the Good Reader Bonus, question will be made from books recommended by your school.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

## CLASS: VI
## SUBJECT: HIGHER ODIA

**Time: 3 Hours** **Maximum Marks: 80+(04)**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ଏହି ପ୍ରଶ୍ନପତ୍ରରେ**(କ,ଖ,ଗ,ଘ,ଙ)**ଭଳି**୫ଟି ବିଭାଗରେ ୧୩ଟି** ମୁଦ୍ରିତ ପ୍ରଶ୍ନ ରହିଛି ।
- **(ଙ)** ବିଭାଗରେ**୧୩ ନମ୍ବର ପ୍ରଶ୍ନ ଉତ୍ତମ ପାଠକ ବୋନସ୍** ନିମନ୍ତେ ନିଜ ବିଦ୍ୟାଳୟରୁ ପ୍ରସ୍ତାବିତ ପୁସ୍ତକରୁ ପ୍ରଶ୍ନ ପ୍ରଦାନ କରାଯିବ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ପୂର୍ବରୁ ଉତ୍ତର ଖାତାରେ ସେହି ପ୍ରଶ୍ନର କ୍ରମିକ ସଂଖ୍ୟା ଲେଖ ।
- ଅକ୍ଷରଗୁଡ଼ିକ ପରିଷ୍କାର ଓ ସୁନ୍ଦରଭାବରେ ଲେଖ ।
- ଗୋଟିଏ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟପ୍ରଶ୍ନର ଉତ୍ତର ଲେଖ ।

### ‘କ’ ବିଭାଗ (ପଠନ -୧୦)

**1. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(5×2 = 10)**

ଭାରତରେ ଆମ ପାଇଁ ଅନ୍ତର୍ଜାତୀୟ ମାତୃଭାଷା ଦିବସର ବିଶେଷ ମହତ୍ତ୍ୱ ରହିଛି ; କାରଣ ସାଂସ୍କୃତିକ ଏବଂ ଭାଷା ବିବିଧତା ଭାରତୀୟ ସଭ୍ୟତାର ମୂଳଦୁଆ ଅଟେ । ଆମର ପ୍ରାଚୀନ ଭୂମି ସର୍ବଦା ଭାଷାଭିତ୍ତିକ ଏବଂ ସାଂସ୍କୃତିକ ବିବିଧତାର ଏକ ଅଙ୍ଗ ହୋଇ ରହିଆସିଛି । ଆମେ ଭୁଲିଯିବା ନାହିଁ ଯେ ମାତୃଭାଷା କେବଳ ଯୋଗାଯୋଗର ପ୍ରାଥମିକ ମାଧ୍ୟମ ନୁହେଁ , ବରଂ ଏହା ଏକ ବ୍ୟକ୍ତି କିମ୍ବା ସାମାଜିକ ଗୋଷ୍ଠୀର ସାଂସ୍କୃତିକ ପରିଚୟ ସହିତ ଅବିଛିନ୍ନ ଭାବେ ସଂପୃକ୍ତ । ତେଣୁ ସମସ୍ତ ସରକାର ଏପରି ନୀତି ପ୍ରସ୍ତୁତ କରିବା ଜରୁରୀ , ଯାହା ମାତୃଭାଷାରେ ଶିକ୍ଷଣକୁ ପ୍ରୋତ୍ସାହିତ କରିବ ଏବଂ ନିର୍ଦ୍ଦେଶାବଳୀଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସହାୟକ ହୋଇପାରିବ । ନଭେମ୍ବର ୧୯୯୯ରେ ୟୁନେସ୍କୋ ଫେବୃଆରୀ ୨୧କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ଘୋଷଣା କରିଥିଲେ । ମହାତ୍ମା ଗାନ୍ଧୀ ଦୂରଦର୍ଶିତାର ସହ ଚେତାବନୀ ଦେଇ କହିଥିଲେ ଯେ , “ ଯଦି ଇଂରାଜୀ ଶିକ୍ଷିତ ମାତୃଭାଷାକୁ ଉପେକ୍ଷା କରିବେ ଓ ଅଜ୍ଞ ରହିବେ , ଯେପରି ସେମାନେ କରିଛନ୍ତି ଏବଂ ବର୍ତ୍ତମାନ ମଧ୍ୟ ତାହା ଜାରି ରଖିଛନ୍ତି , ତେବେ ଭାଷା ଦୁର୍ଭିକ୍ଷ ଘଟିବ ।”

**ପ୍ରଶ୍ନାବଳୀ :**

**(କ)** ଫେବୃଆରୀ ୨୧କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ କିଏ କେବେ ଘୋଷଣା କରିଥିଲେ ?

**(ଖ)** ମହାତ୍ମା ଗାନ୍ଧୀ ଦୂରଦର୍ଶିତାର ସହ ଚେତାବନୀ ଦେଇ କ'ଣ କହିଥିଲେ ?

**(ଗ)** ସମସ୍ତ ସରକାର କେଉଁପରି ନୀତି ପ୍ରସ୍ତୁତ କରିବା ଜରୁରୀ ?

**(ଘ)** ଭାରତୀୟ ସଭ୍ୟତାର ମୂଳଦୁଆ କ'ଣ ଅଟେ ?

**(ଙ)** ମାତୃଭାଷା ପ୍ରାଥମିକ ମାଧମ ବ୍ୟତୀତ ଆଉ କାହା ସହିତ ସଂପୃକ୍ତ ?

**'ଖ' ବିଭାଗ (ଲିଖନ -୧୫)**

**2. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** (1X8=8)

ରଥଯାତ୍ରା

**କିମ୍ବା**

ପରିବେଶ ସୁରକ୍ଷା

**3.** ଦେଖିଯାଇଥିବା ଏକ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ନିଜର ସାଙ୍ଗ ନିକଟକୁ ଏକ **ପତ୍ର** ଲେଖ । (1X7=7)

**କିମ୍ବା**

ତୁମ ବିଦ୍ୟାଳୟରେ ଗୁରୁଦିବସ କିପରି ପାଳନ କରାଗଲା ବର୍ଣ୍ଣନା କରି ସାଙ୍ଗ ନିକଟକୁ ଏକ **ପତ୍ର** ଲେଖ ।

**'ଗ' ବିଭାଗ (ବ୍ୟାକରଣ -୨୦)**

**4.ନିର୍ଦ୍ଦେଶ ଅନୁଯାୟୀ ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

**(କ) ଶୂନ୍ୟସ୍ଥାନ ପୂରଣ କରିଲେଖ । (୩ଟି)** (3X1=3)

(i) ବଡ଼ ବଡ଼ ସହରରେ ପାଦରେ ଚାଲିବାକୁ ---------------- ବ୍ୟବସ୍ଥା ଥାଏ ।

(ii) ୧୯୨୧ ମସିହାରେ ମହାତ୍ମା ଗାନ୍ଧି ପ୍ରଚାର ଉଦ୍ଦେଶ୍ୟରେ ------------- କୁ ଆସିଥିଲେ ।

(iii) 'ଉଚ୍ଚମନା ଉଚ୍ଚେ ଅମୃତ ଲଭଇ , ------------ ଲଭେ ବିଷ ।'

**(ଖ) ବିପରୀତ ଶବ୍ଦ ଲେଖ । (୩ଟି)** (3X1=3)

**(i)** କର୍ତ୍ତବ୍ୟ **(ii)** ହାନି **(iii)** ସାମାନ୍ୟ

**(ଗ) ଲିଙ୍ଗ ପରିବର୍ତ୍ତନ କରି ଲେଖ । (୪ଟି)** (4X1=4)

**(i)** ଛାତ୍ର **(ii)** ମୂଲିଆ **(iii)** ଜନକ **(iv)** ପିତା

**5. ନିର୍ଦ୍ଦେଶ ଅନୁଯାୟୀ ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

**କ. ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ । (୩ଟି)** (3X1=3)

ସୂର୍ଯ୍ୟ ,ପୃଥିବୀ , ପିକ

**ଖ. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର । (୩ଟିର)** (3X1=3)

ଓଜସ୍ୱିନୀ , ଦ୍ରୁତଗାମୀ , କଣ୍ଟା ବାଡ଼ରେ ଲୁଗାପକାଇବା

**ଗ. ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଅର୍ଥ ଲେଖ । (୪ଟି )** (4X1=4)

ତ୍ରାସ , ବିଳୟ , ଅବୈତନିକ , ଲୁକ୍କାୟିତ

## 'ଘ' ବିଭାଗ (ପାଠ୍ୟପୁସ୍ତକ -୩୫)

**6. ଯେ କୌଣସି ଗୋଟିକର ସପ୍ରସଙ୍ଗ ସରଳାର୍ଥ ଲେଖ ।** **(1X5=5)**

ମହାବଳବାନ୍ ସିଂହକୁ ପିଞ୍ଜରାମୁକ୍ତ କରି କିଏ ବା ନିଶ୍ଚିନ୍ତ ହୋଇପାରିବ !

**କିମ୍ବା**

ଭାରତର ସଭ୍ୟତା ଓ ଚିନ୍ତାର ଗତି କେତେକ ପରିମାଣରେ ବାହ୍ୟିକ ପ୍ରଭାବରେ ପରିବର୍ତ୍ତିତ ହୋଇଛି ।

**7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ । (୩ଟିର)** **(3X2=6)**

(କ) ଗରିବ ବାଳକଟିର ବେଶଭୂଷା କିପରି ଥିଲା ?

(ଖ) ଆମେରିକାର ଲୋକେ କ'ଣ ପାଇଁ ଅଧିକ ବ୍ୟସ୍ତ ?

(ଗ) ଦୁଇଚକିଆ ଯାନର ପଛରେ ବସିଲେ କି ପ୍ରକାର ସତର୍କ ହେବାକୁ ପଡ଼ିବ ?

**8. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବନ୍ଧନୀ ମଧ୍ୟରୁ ବାଛି ଲେଖ ।** **(4X1=4)**

(କ) ସଭର୍କର୍ ଅଲିପୁର ଜେଲ୍‌ରେ କେତେ ବର୍ଷ କଟାଇଥିଲେ ?

(ଦଶବର୍ଷ , ଏଗାରବର୍ଷ , ବାରବର୍ଷ , ଷୋଳବର୍ଷ )

(ଖ) ମିଷ୍ଟର୍ ବେକର୍‌ଙ୍କ ବୟସ କେତେ ?

(ସତୁରି ଉପରେ , ଷାଠିଏ ଉପରେ , ପଚାଶ ଉପରେ , କୋଡ଼ିଏ ଉପରେ)

(ଗ) ବ୍ରହ୍ମଚାରୀ ମୁଇଁର ଘର କେଉଁଠି ?

(ଖଲ୍ଲିକୋଟ , ଭଦ୍ରକ , ମାନ୍ଦ୍ରାଜ, ପାରଳାଖେମୁଣ୍ଡି)

(ଘ) ପଣ୍ଡିତ ଗୋପବନ୍ଧୁ ଦାସ କେଉଁ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ?

(ସମାଜ , ସମ୍ବାଦ ,ଧରିତ୍ରୀ, ସତ୍ୟବାଦୀ )

**9. ସରଳ ଭାଷାରେ ବୁଝାଇ ଲେଖ ।** **(1X5=5)**

" ବାଛୁରୀ ଚରାଇ ଯାଇ , କାଲି ପଥଶ୍ରମ ପାଇ ,
ଅଳସରେ ଅଛୁ ଶୋଇ , ଅଶକତ ହୁଏ କି ଶରୀର ହେ । "

**କିମ୍ବା**

" ଅଳପ ନଦୀଏ ପୂରିଲେ
ଲହରି ମତେ ଉଛୁଳିଲେ । "

**10. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ । (୩ଟି)** **(3X2=6)**

(କ) ମେଘମାଳ କିପରି ଭାବରେ ଜଳ ବର୍ଷା କଲେ ?

(ଖ)ଶ୍ରୀକୃଷ୍ଣ ନିଦରୁ ଉଠିବା ପରେ ମା' ଯଶୋଦା କ'ଣ କରିବେ କହୁଛନ୍ତି ?

(ଗ) ଶ୍ରୀକୃଷ୍ଣ କେଉଁ କାରଣରୁ ପଥଶ୍ରମ ପାଇ ଅଧିକ ସମୟ ଶୋଇଯାଇଛନ୍ତି ?

**11. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବନ୍ଧନୀ ମଧ୍ୟରୁ ବାଛି ଲେଖ ।** **(4X1=4)**

(କ) 'ବର୍ଷା' କବିତାଟି ଓଡ଼ିଆ ଭାଗବତର କେଉଁ ସ୍କନ୍ଧରୁ ଆନୀତ ?

( ନବମ , ଦଶମ , ବିଂଶ , ଏକବିଂଶ )

(ଖ) 'ଗର୍ଜନ୍ତି ଆବୋରିଣ ପାଣି ' ଏଠାରେ କିଏ ଗର୍ଜିବା କଥା କୁହାଯାଇଛି ?

( ମେଘ , ବିଜୁଳି , ଗାଈ , ମଣ୍ଡୂକ)

(ଗ) ମାତା ଯଶୋବନ୍ତୀ ଶ୍ରୀକୃଷ୍ଣଙ୍କୁ ଏଥିମଧ୍ୟରୁ କେଉଁ ଖାଦ୍ୟ ଖୁଆଇବାର କଥା କହିନାହାନ୍ତି ?

( ଲବଣୀ ,ଅଧାମ ,କାକରା , ଗୋଟିକା )

(ଘ) ବନମାଳୀ ଦାସଙ୍କ କବିତାଗୁଡ଼ିକ କେଉଁ ଧରଣର ?

( ବିରଳ ଓ ଅଭାବମୟ , ସରଳ ଓ ସଂଗୀତମୟ , ଜଟିଳତା ପୂର୍ଣ୍ଣ , ଆଳଙ୍କାରିକମୟ )

**12. ନିମ୍ନଲିଖିତ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଲେଖ ।** **(1X5=5)**

କର୍ତ୍ତବ୍ୟବୋଧତାର ଜ୍ଞାନ ପଠିତ 'ନ୍ୟାୟ ବିଚାର ' ଗଳ୍ପରେ କିପରି ପ୍ରତିଫଳିତ ହୋଇଛି ଆଲୋଚନା କର ।

## **'ଙ' ବିଭାଗ (ବୁକ୍ ବୋନସ୍ -୦୪)**

**13. ପ୍ରସ୍ତାବିତ ଗଳ୍ପ 'ଧର୍ମ ପରୀକ୍ଷା' ଓ 'ଭାଗ୍ୟ ପରୀକ୍ଷା'କୁ ଆଧାର କରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (4X1=4)**

(କ) ମହାତ୍ମା ଉଶୀନରଙ୍କ ଜୀବନର ବ୍ରତ କ'ଣ ଥିଲା ?

(ଖ) "ପେଟ ପୋଷ , ନାହିଁ ଦୋଷ ।"- ଏହି କଥାଟି ଗଳ୍ପରେ କିଏ କହିଛି ?

(ଗ) ରାଜା କୁମାରଗୁପ୍ତଙ୍କ ନିକଟରେ କ'ଣ ଅଭାବ ଥିଲା ?

(ଘ) ବୁଢ଼ୀ ବିଦେଶୀ ପୁଅକୁ ତା' ଘରେ କ'ଣ ଖାଇବାକୁ ଦେଲା ?

*********************